# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୧୨.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀ ବିପ୍ଳବ ବେହେରା,
୩. ଶ୍ରୀମତୀ ନମିତା ମହାପାତ୍ର

ଅଦ୍ୟ ତା ୧୪.୧୨.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଗୃହ ଗୁଡ଼ିକରୁ ଠିକ୍ ଭାବରେ ଗୃହ ଟିକସ ଆଦାୟ ହୋଇପାରୁ ନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ନିଗମାଂଚଳରେ ଥିବା ପ୍ରତ୍ୟେକ ଗୃହର ଡ଼ାଟାବେସ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୪.୧୨.୨୦୨୨ ରିଖ